## ଆଜି ଅନୁଗୋଳ ଜିଲ୍ଲାରୁ ୧୪୫ ଜଣ କରୋନା ପଜିଟିଭ ଚିହ୍ନଟ -

## ପଜିଟିଭ ସଂଖ୍ୟା ୬୪୧୨ ରେ ପହଞ୍ଚିଲା - ସୁସ୍ଥ ହେଲେ ୯୨ଜଣ ।

ଆଜି ଅନୁଗୋଳ ଜିଲ୍ଲାରୁ ଗୋଟିଏ ଦିନରେ ୧୪୫ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ଅନ୍ୟ ଜିଲ୍ଲାରୁ ଅନୁଗୋଳରେ ସ୍ୱାବ ନମୁନା ଦେଇଥିବା ବ୍ୟକ୍ତିମାନଂକ ମଧ୍ୟରୁ ଆଜି ୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇ ସମୁଦାୟ ଆକ୍ରାନ୍ତଂକ ସଂଖ୍ୟା ୯୮ ରେ ପହଂଚିଛି । ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଂକ ମଧ୍ୟରେ ବଣ୍ଟରପାଳ ବ୍ଲକ୍ ଅଂଚଳରୁ ୩୩ ଜଣ (୨୨ଜଣ ପୁରୁଷ ଓ ୧୧ଜଣ ମହିଳା), ଅନୁଗୋଳ ପୌରାଂଚଳରୁ ୨୬ ଜଣ (୧୬ ଜଣ ପୁରୁଷ ଓ ୧୦ଜଣ ମହିଳା), ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୧୬ ଜଣ ( ୧୧ଜଣ ପୁରୁଷ ଓ ୫ଜଣ ମହିଳା), ପାଲଲହଡା ବ୍ଲକ୍ ଅଂଚଳରୁ ୧୬ ଜଣ ( ୪ଜଣ ପୁରୁଷ ଓ ୧୨ଜଣ ମହିଳା), ତାଳଚେର ପୌରାଂଚଳରୁ ୧୩ ଜଣ ( ୧୨ଜଣ ପୁରୁଷ ଓ ୧ଜଣ ମହିଳା), ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦରୁ ୧୨ ଜଣ ( ୪ଜଣ ପୁରୁଷ ଓ ୮ଜଣ ମହିଳା), ଅନୁଗୋଳ ବ୍ଲକ୍ ଅଂଚଳରୁ ୯ ଜଣ ( ୬ ଜଣ ପୁରୁଷ ଓ ୩ ଜଣ ମହିଳା), ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ୭ ଜଣ (୫ ଜଣ ପୁରୁଷ ଓ ୨ଜଣ ମହିଳା), ତାଳଚେର ବ୍ଲକ୍ ଅଂଚଳରୁ ୬ ଜଣ ( ୪ଜଣ ପୁରୁଷ ଓ ୨ଜଣ ମହିଳା), କିଶୋରନଗର ବ୍ଲକ୍ ଅଂଚଳରୁ ୫ ଜଣ ( ୫ଜଣ ପୁରୁଷ ) ଓ କଣିହାଁ ବ୍ଲକ୍ ଅଂଚଳରୁ ୨ ଜଣ (୧ ଜଣ ପୁରୁଷ ଓ ୧ ଜଣ ମହିଳା) ଅଛନ୍ତି । ସମସ୍ତେ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି ପଜିଟିଭ ହୋଇଥିବାର ଜଣାପଡିଛି । ସମସ୍ତ ଲକ୍ଷଣଯୁକ୍ତ ଆକ୍ରାନ୍ତମାନଂକୁ କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଥିବା ବେଳେ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଂକୁ ନିଜ ଘରେ Isolation ରେ ରଖାଯାଇ ନିରିକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ଆଜି ଅନୁଗୋଳ ଜିଲ୍ଲାରୁ ୯୨ ଜଣ ସୁସ୍ଥ ହୋଇଛନ୍ତି । ସେମାନଂକ ମଧ୍ୟରେ ୧୦ଜଣ କୋଭିଡ ହସପିଟାଲରୁ , ୪ଜଣ କୋଭିଡ କେୟାର ସେଣ୍ଟରରୁ ଓ ୭୮ ଜଣ ହୋମ Isolation ରୁ ସୁସ୍ଥ ହୋଇଛନ୍ତି ।

ପରେ ପରେ ଜିଲ୍ଲାପାଳ ଜିଲ୍ଲାରେ କରୋନା ସ୍ଥିତିକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ସବୁ ଅଂଚଳରେ ବିଶୋଧନ କାର୍ଯ୍ୟ ସଠିକ୍ ଭାବେ ଚାଲୁଛି କି ନାହିଁ ବିଭାଗୀୟ ଅଧିକାରୀଂକୁ ପଚାରି ବୁଝିଥିଲେ । ସେହିପରି ଜିଲ୍ଲାର ସମସ୍ତ ହାଟ ଗୁଡିକରେ ଯାଂଚ କାର୍ଯ୍ୟ(Enforcement) ତ୍ୱରାନ୍ୱିତ ଭାବେ ହେଉଛି କି ନାହିଁ ଏହାର ସମୀକ୍ଷା କରିଥିଲେ । ପ୍ରତ୍ୟେକ ବ୍ଲକ୍ ଓ ପୌରାଂଚଳରେ ଆମ୍ବୁଲାନ୍ସ ପ୍ରସ୍ତୁତ କରି ରଖିବା ସହ କୋଭିଡ ହସପିଟାଲରୁ ଗୁରୁତ୍ୱର ରୋଗୀମାନଂକୁ କଟକ କିମ୍ବା ଭୁବନେଶ୍ୱରକୁ ଚିକିତ୍ସା ନିମନ୍ତେ ପଠାଇବାକୁ ପରାମର୍ଶ ଦେଇଥିଲେ । କୋଭିଡ ହସପିଟାଲରେ ଲାଗିଥିବା ସି ସି ଟି ଭି ଫୁଟେଜ୍‌କୁ ନିୟମିତ ଯାଂଚ କରାଯିବା ସହ ସମସ୍ତ କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୬୮୦ ତା.୧୨.୧୦.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ